# Telephonic Conversation between National Security Adviser and Mr. Jake Sullivan, National Security Advisor of U.S.A

January 27, 2021

## ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଏବଂ ତାଙ୍କ ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିପକ୍ଷ ଶ୍ରୀ ଜେକ୍ ସୁଲ୍ଲିଭାନଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପ

**ଜାନୁଆରୀ 27, 2021**

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ 27 ଜାନୁଆରୀରେ ତାଙ୍କ ଆମେରିକା ପ୍ରତିପକ୍ଷ ଶ୍ରୀ ଜେକ୍ ସୁଲ୍ଲିଭାନଙ୍କ ସହ ଟେଲିଫୋନ ଜରିଆରେ ବାର୍ତ୍ତାଳାପ କରିଥିଲେ। ଶ୍ରୀ ସୁଲ୍ଲିଭାନ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଭାବରେ ନିଯୁକ୍ତି ପାଇବାପରେ ଶ୍ରୀ ଡୋଭାଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଡୋଭାଲ ଦର୍ଶାଇଛନ୍ତିଯେ ଅଗ୍ରଣୀ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଏକ ଖୋଲା ତଥା ସମ୍ମିଳିତ ବିଶ୍ୱ କ୍ରମରେ ବିଶ୍ୱାସ ରଖିଥିବାରୁ ଆତଙ୍କବାଦର ମୁକାବିଲା, ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ଏବଂ ଏହାର ବାହାରେ ଶାନ୍ତି ଓ ସ୍ଥିରତା ରକ୍ଷା କରିବା ତଥା ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗରେ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଭାରତ ଏବଂ ଆମେରିକା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଅଛନ୍ତି।

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ସୁଲ୍ଲିଭାନ କହିଛନ୍ତିଯେ ଦ୍ୱିପାକ୍ଷିକ ପ୍ରସଙ୍ଗ ଏବଂ ବିଶ୍ୱ ସମସ୍ୟା ଉପରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆମେରିକା ଇଚ୍ଛୁକ ଅଟେ।

ଭାରତ-ଆମେରିକା ସମ୍ପର୍କ ସହଭାଗୀ ମୂଲ୍ୟବୋଧ ଏବଂ ସାଧାରଣ ରଣନୀତିକ ଓ ସୁରକ୍ଷା ସ୍ୱାର୍ଥ ଉପରେ ନିର୍ମିତ ଏବଂ ଏହାକୁ ଆହୁରି ଆଗକୁ ବଢାଇବା ପାଇଁ ଉଭୟ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। କୋଭିଡ ପରବର୍ତ୍ତୀ କାଳରେ ବିଭିନ୍ନ ସମସ୍ୟାର ମୁକାବିଲା କରିବା ଏବଂ ବ୍ୟାପକ ଆନ୍ତର୍ଜାତିକ ରଣନୀତିକ ଭାଗିଦାରୀକୁ ଆହୁରି ବିସ୍ତୃତ କରିବା ପାଇଁ ସେମାନେ ମିଳିତ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

**ନୂଆଦିଲ୍ଲୀ**

**ଜାନୁଆରୀ 27, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.